# ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍ ଆସୋସିଏସନ


(AIUBEF ସହ, ଓଙ୍ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ); ***ସ୍ଥାପିତ*** - ୦୭-୦୮-୧୯୭୭

***ମୁଖ୍ୟ କାର୍ଯ୍ୟାଳୟ*** - ମାର୍ଫତ୍ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଓ, ସିଭିକ୍ ସେଣ୍ଟର୍,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର୍

***e-mail*** :- aoubea@gmail.com, **Website : www.aoubea.org**


==========================================================================================

ସାର୍କୁଲାର ସଂଖ୍ୟା:- ୨୧ — ଭୁବନେଶ୍ୱର

୦୭.୧୧.୨୦୧୯

ପ୍ରିୟ ସାଥୀଗଣ , ଆଜି ଆମ ରାଜ୍ୟ ସଂଗଠନର କର୍ମକର୍ତ୍ତାଙ୍କୁ ନେଇ ଏକ ଜରୁରୀ ବୈଠକ ହୋଇଥିଲା । ଏହି ବୈଠକରେ ବର୍ତ୍ତମାନ ଆମ ବ୍ୟାଙ୍କରେ ଯେଉଁ ଶତବାର୍ଷିକି ସମାରୋହ ପାଳନ କରାଯାଉଛି ସେହି ପରିପେକ୍ଷିରେ ଆମ ସର୍ବ ଭାରତୀୟ ସଂଗଠନର ନିସ୍ୱତି ତଥା ଆମ ରାଜ୍ୟ ସଂଗଠନର କର୍ତ୍ତବ୍ୟ ଉପରେ ବିଶେଷ ଭାବେ ଆଲୋଚନା କରଯାଇଥିଲା ।

ସାଥୀଗଣ ଆମ ବ୍ୟାଙ୍କ କୁ ଜାତିର ପିତା ମହାତ୍ମା ଗାନ୍ଧୀ ୧୧.୧୧.୧୯୧୯ ରେ ଉଦଘାଟନ କରିଥିଲେ । ଦୀର୍ଘ ୧୦୦ ବର୍ଷ ର ଅଭିଯାନରେ ଅନେକ କର୍ମଚାରୀଙ୍କ ଶ୍ରମ ଓ ତ୍ୟାଗ ପାଇଁ ଆମ ବ୍ୟାଙ୍କ ଭାରତ ବର୍ଷ ର ଜାତୀୟକାରଣ ବ୍ୟାଙ୍କ ମାନଙ୍କ ମଧ୍ୟରେ ଅଗ୍ରୀଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଦୁଃଖ ର ବିଷୟ ଯେ ବ୍ୟାଙ୍କ କର୍ତ୍ତୃପକ୍ଷ ଯେତେବେଳେ ବ୍ୟାଙ୍କର ଶତବାର୍ଷିକୀ ପାଳନର ଶୁଭାରମ୍ଭ କାଲେ ସେତେବେଳେ ଆମ ସର୍ବ ଭାରତୀୟ ସଂଗଠନ AIUBEF ଦାବି କରିଥିଲା ଯେ କର୍ମଚାରୀମାନଙ୍କୁ କୌଣସି ଉପହାର ନ ଦେଇ ସମଗ୍ର ଦେଶରେ ଆମ ବ୍ୟାଙ୍କରେ କାର୍ଯ୍ୟରତ ସମସ୍ତ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଉ ।

କିନ୍ତୁ ଏପରି ଏକ ସଂବେଦନଶୀଳ ପ୍ରସଙ୍ଗ ଉପରେ କର୍ତ୍ତୃପକ୍ଷ କିଛି ନିସ୍ପତ୍ତି ନେଲେ ନାହିଁ। ତେଣୁ ଏପରିସ୍ଥଳେ ଆମ୍ଭେମାନେ କୌଣସି ପରିସ୍ଥିତିରେ ପାଳନ କରାଯାଉଥିବା ଶତବାର୍ଷିକୀ ସମାରୋହରେ ନିଜକୁ ସାମିଲ୍ କରିପାରିବୁ ନାହିଁ । ଆପଣ ମାନେ ଜାଣନ୍ତି ଗତ ୧୧.୧୧.୨୦୧୮ ତାରିଖରେ ଆମ ରାଜ୍ୟ ସଂଗଠନ ନିଜସ୍ୱ ଭାବେ ରିଜିଓନାଲ ଅଫିସ ଭୁବନେଶ୍ୱର ଠାରେ ଏହି ଶତବାର୍ଷିକୀ ଉତ୍ସବ ର ଶୁଭାରମ୍ଭ କରିଥିଲା ଏବଂ ବିଶେଷ କରି ଯେଉଁ ପ୍ରସଙ୍ଗ ଉପରେ ଆମର ଦାବି ଅଛି ସେହି ଅସ୍ଥାୟୀ କର୍ମଚାରୀ ମାନଙ୍କୁ ମଧ୍ୟ ନିମନ୍ତ୍ରଣ କରଯାଇଥିଲା । ଆଜି ବୈଠକର ନିସ୍ପତ୍ତି ଅନୁସାରେ ଆମେ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆହୁତ ସମାରୋହରେ ସାମିଲ ହେବୁ ନାହିଁ ଏବଂ ଆମ ସଂଗଠନ ଦ୍ୱାରା ନିଜସ୍ୱ ଭାବେ ଉଦଜାପନୀ ଦିବସ ପାଳନ କରିବୁ ।

ଆସନ୍ତା ୧୦.୧୧.୨୦୧୯ ତାରିଖ ଦିନ ଭୁବନେଶ୍ୱର ଏହି ସମାରୋହ ପାଳନ କରାଯିବ ତେଣୁ ଏହି ସାଧାରଣ ସଭାରେ ଆମ ବ୍ୟାଙ୍କର ସମସ୍ତ ସାଥିମାନେ ଓ ସେମାନଙ୍କ ଶାଖାରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଅନୁରୋଧ ।

ଏହି ଶତବାର୍ଷିକୀ ଉତ୍ସବ ପାଳନ ଅବସରରେ ଆମ କେନ୍ଦ୍ରୀୟ ଫେଡେରେସନ ର ସାଧାରଣ ସମ୍ପାଦକ କମ୍ରେଡ ଜଗନ୍ନାଥ ଚକ୍ରବର୍ତ୍ତୀ ଆମ ବ୍ୟାଙ୍କର MD & CEO ଙ୍କୁ ୦୪.୧୧.୨୦୧୯ ତାରିଖରେ ଦେଇଥିବା ଚିଠିର ଓଡିଆ ଅନୁବାଦ ନିମ୍ନରେ ପ୍ରଦାନ କରାଗଲା ।

## ALL INDIA UNION BANK EMPLOYEES FEDERATION

*(Celebrating 60 years of Glorious existence)*

C/o Union Bank of India
15, India Exchange Place
Kolkata - 700 001
Email : aiubefhome@gmail.com

4th November 2019

Shri Rajkiran Rai G.
Managing Director & CEO
Union Bank of India
Central Office
Mumbai

Dear Sir,

**Bank's 101st Foundation Day Celebrations**

ସମସ୍ତ କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ କର୍ମଚାରୀ ଯଥା ହାଉସକିପର ଙ୍କ ଠାରୁ ଜେନେରାଲ ମ୍ୟାନେଜର , ସମସ୍ତେ ଆମ ପ୍ରିୟ ବ୍ୟାଙ୍କ ପାଇଁ ନିଜ ନିଜର ସର୍ବଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପ୍ରତିପାଦନ କରି ଏହାର ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ଏହା ଏକ ଅତ୍ୟନ୍ତ ଗର୍ବ ଗୌରବ ଓ ଆନନ୍ଦ ର ଦିନ । କିନ୍ତୁ ଏହି ସମୟରେ ଏହା ଏକ ଦୁଃଖ ହତାଶ ଓ ପରିତାପର ବିଷୟ ଯେ , ଆମ ପ୍ରିୟ ବ୍ୟାଙ୍କ ର ଏହାର ୯୯ତମ ଓ ୧୦୦ତମ ଆର୍ଥିକ ବର୍ଷରେ କ୍ଷତି ହେଲା ଏବଂ ଏହା ବ୍ୟାଙ୍କର ସ୍ୱର୍ଣ୍ଣିମ ଇତିହାସ ରେ ଏକ କଳା ଦାଗ ସଦୃଶ ହୋଇ ରହିଗଲା । ସବିଶେଷ ତଥ୍ୟରୁ ଜଣାଯାଉଛି ଯେ, ଯଦି ଏହି ଦୁଇ ଆର୍ଥିକ ବର୍ଷରେ RBI ର ପ୍ରରୋଚନାରେ ମାତ୍ରାଧିକ ପ୍ରୋଭିଜନିଙ୍ଗ କରିନଥାନ୍ତା, ତେବେ ଏହି ଦୁଇ ଆର୍ଥିକ ବର୍ଷରେ ବ୍ୟାଙ୍କ କ୍ଷତି ସହିନଥାନ୍ତା ।

ଏହି ଗୌରବାନ୍ୱିତ ୧୦୦ ତମ ବର୍ଷରେ ଆମର ପ୍ରିୟ ବ୍ୟାଙ୍କ ର ନିଜର ଇତିହାସରେ ପୁଣି ଏକ କଳା ଦାଗ ଛାଡ଼ି ଦେଇ ଗଲା । ଆନ୍ଧ୍ରା ବ୍ୟାଙ୍କ ଓ କର୍ପୋରେସନ ବ୍ୟାଙ୍କକୁ ଆର୍ଥିକ ଦୁର୍ବଳତା ରୁ ବଞ୍ଚାଇବାକୁ ନୁହେଁ ବରଂ ଆମ ବ୍ୟାଙ୍କ କୁ ବ୍ୟବହାର କରି ଏହି ଦୁଇ ବ୍ୟାଙ୍କ ର ନାମକୁ ରାଷ୍ଟ୍ରାୟତ ବ୍ୟାଙ୍କ ର ଇତିହାସରୁ ହଟାଇ ଦିଆଗଲା। ବ୍ୟାଙ୍କର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଆମ ସଂଗଠନ ର ଯେଉଁ ଅନୁରୋଧ ଥିଲା ସମସ୍ତ ଆସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ଏଭଳି ଲୋକହିତକର ଅନୁରୋଧ କୁ କର୍ତ୍ତୃପକ୍ଷ ଗ୍ରହଣ ବି କଲେ ନାହିଁ ।

ଏତେ ସବୁ ଘଟଣା ପରେ ମଧ୍ୟ ସାଧାରଣ କର୍ମଚାରୀ ଓ ଆମ ସଂଗଠନର ସଦସ୍ୟ ମାନେ ମ୍ୟାନେଜମେଣ୍ଟ ଠାରୁ ୧୦୧ତମ ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ସୂଚନା ପାଇଛନ୍ତି । ଏହି ଉତ୍ସବ ପାଳନ କରିବାରେ ପ୍ରକୃତରେ କର୍ମଚାରୀଙ୍କ ବିବେକ ଓ କର୍ମଚାରୀଙ୍କ ଦାବି ଓ ଅଭିଯୋଗ ରେ ମ୍ୟାନେଜମେଣ୍ଟ ର ଆଭିମୁଖ୍ୟ ହିଁ ସ୍ଥିର କରିବ ।

ଯଦି ଜଣେ କର୍ମଚାରୀ ଏହି ଉତ୍ସବ ନିଜ ହିସାବରେ ପାଳନ କରିବାକୁ ଚାହୁଁଛି, ତେବେ ଏଥିରେ ମ୍ୟାନେଜମେଣ୍ଟ ମଧ୍ୟ କିଛି ଭାବିବା ଉଚିତ ନୁହେଁ । ମ୍ୟାନେଜମେଣ୍ଟ ମଧ୍ୟ ଜାଣି ରଖିବା ଉଚିତ ଯେ, ଆମ ବ୍ୟାଙ୍କ ର ପ୍ଲାଟିନମ ଜୟନ୍ତୀରେ **CMD** ଙ୍କ ତତ୍ତ୍ୱାବଧାନରେ ଯେତେବେଳେ କର୍ମଚାରୀଙ୍କ ପାଇଁ ଗିଫ୍ଟ ସ୍ଥିର ହୋଇଥିଲା, ସେତେବେଳେ ମଧ୍ୟ କର୍ମଚାରୀ ଏବଂ ଅଫିସର ମାନେ ମଧ୍ୟ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଆମର ଦାବି ସହିତ ପକ୍ଷପାତିତା କରି, ମ୍ୟାନେଜମେଣ୍ଟ ପ୍ରତି କ୍ଷେତ୍ରୀୟ କାର୍ଯ୍ୟାଳୟ ରେ ଏହି ଉତ୍ସବ ପାଳନ କରିବାକୁ ଚେଷ୍ଟା କରୁଛି । ଯେଉଁ କର୍ମଚାରୀମାନେ ଷ୍ଟେସନ ବାହାରେ କାର୍ଯ୍ୟକରୁଛନ୍ତି, ସେମାନେ ଏହି ଉତ୍ସବ ରେ ଯୋଗ ନଦେବା ଏକପ୍ରକାର ଅସମ୍ଭବ । ତେଣୁ ଏହା କର୍ମଚାରୀ ମାନଙ୍କ ପାଇଁ ପକ୍ଷପାତ ହେବ ।

# ଅଲ୍ ଓଡିଶା ୟୁନିୟନ୍ ବ୍ୟାଙ୍କ୍ ଏମ୍ପ୍ଲୋୟିଜ୍ ଆସୋସିଏସନ

(AIUBEF ସହ, ଓଙ୍ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ); _ସ୍ଥାପିତ_ - ୦୨-୦୮-୧୯୭୨

_ମୁଖ୍ୟ କାର୍ଯ୍ୟାଳୟ_ - ମାର୍ଫତ୍ ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା, ୩/୧-ଏ, ସିଭିକ୍ ସେଣ୍ଟର,

ଆଇ.ଆର୍.ସି. ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର

_e-mail_ :- aoubea@gmail.com, Website : www.aoubea.org

================================================================

Yours faithfully

(Jagannath Chakraborty)
General Secretary

## ସବ୍ ଷ୍ଟାଫ ରୁ କ୍ଲର୍କ ପ୍ରାମୋଶନ : -

ବ୍ୟାଙ୍କ କର୍ତ୍ତୃପକ୍ଷ ସାର୍କୁଲାର ସଂଖ୍ୟା ୭୦୫୦ ତାରିଖ ୦୬-୧୧-୨୦୧୯ ଦ୍ୱାରା ବର୍ଷ ୨୦୧୯-୨୦୨୦ ପାଇଁ ସବଷ୍ଟାଫ ରୁ କ୍ଲର୍କ ପ୍ରମୋସନ ପ୍ରକ୍ରିଆ ଆରମ୍ଭ କରିଛନ୍ତି। ଏଥର ମଧ ଖାଲି ଥିବା ପଦବୀ ଚିହ୍ନଟରେ ଗତ ଥର ଭଳି ଆମ ରାଜ୍ୟ ଓଡିଶା କୁ ଅବହେଳିତ କରାଯାଇଛି। ନିମ୍ନ ମତେ ପ୍ରମୋସନ ପ୍ରକ୍ରିଆ ର ସାରାଂଶ ପ୍ରଦାନ କରାଗଲା।

୧ - ସର୍ବ ଭାରତୀୟ ଖାଲି ଥିବା ପଦବୀ ଚିହ୍ନଟ ସଂଖ୍ୟା ମୋଟ ୨୫୭ । ( ୧୨୯ ବରିଷ୍ଠତା ଭିତ୍ତିରେ + ୧୨୮ ମେରିଟ ଚାନେଲ )

୨ - ଓଡିଶା ପାଇଁ ପଦବୀ ଚିହ୍ନଟ ସଂଖ୍ୟା ମୋଟ ୪ ଗୋଟି।

( ରାଜ୍ୟ ବରିଷ୍ଠତା ଭିତ୍ତିରେ =୧ଟି ST )

( ମେରିଟ ଚାନେଲ ରେ ୧ଟି SC + ୧ଟି ST + ୧ଟି UR = ମୋଟ୍ ୩ଟି )

୩ - ଶିକ୍ଷା ଓ ଚାକିରୀ ଅବଧି ର ନିର୍ଣ୍ଣାୟକ ତାରିଖ (କଟ ଅଫ ଡେଟ୍) ୦୧-୦୯-୨୦୧୯ ଅଟେ।

୪ -<u>"ସିନିଅରିଟୀ ଚ୍ୟାନେଲ୍"-</u> ୦୧-୦୯-୨୦୧୯ ତାରିଖ ସୁଦ୍ଧା ୩ ବର୍ଷର ଫୁଲ୍-ଟାଇମ୍ ଚାକିରୀ କାଳ ସମ୍ପୂର୍ଣ୍ଣ କରିଥିବା ସମସ୍ତ ହାଉସ୍-କିପର୍ ସାଥିଙ୍କ ସହିତ ସମସ୍ତ ସବ୍ ଷ୍ଟାଫ୍ ସାଥିମାନେ ଏହି ଚ୍ୟାନେଲ୍ ପାଇଁ ଆବେଦନ କରିପାରିବେ । ଏଥିପାଇଁ ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ବରିଷ୍ଠତା ଭିତ୍ତିରେ, ଚିହ୍ନଟ ପଦ ସଂଖ୍ୟାର ୨ ଗୁଣା ପ୍ରାର୍ଥୀଙ୍କୁ ଏହି ଚ୍ୟାନେଲ୍ ଅନ୍ତର୍ଗତ ପଦୋନ୍ନତି ପ୍ରକ୍ରିୟାରେ ଭାଗ ନେବାକୁ ଆହ୍ୱାନ କରାଯିବ I

<u>୫ - "ମେରିଟ୍ ଚ୍ୟାନେଲ୍"-</u> ଏହି ଚ୍ୟାନେଲ୍ ମାଧ୍ୟମରେ ମଧ ୧୨୮ଟି ପଦ ସର୍ବଭାରତୀୟ ସ୍ତରରେ ପୂରଣ ହେବ । ଏହି ଚ୍ୟାନେଲ୍‌ରେ ଆମ ରାଜ୍ୟ ପାଇଁ ୩ ଟି ପଦ ଚିହ୍ନଟ କରାଯାଇଅଛି । ସେଥିମଧ୍ୟରୁ, ଅନୁସୂଚିତ ଜାତି ପାଇଁ ୧ଟି, ଅନୁସୂଚିତ ଜନଜାତି ପାଇଁ ୧ଟି ପଦ ସଂରକ୍ଷିତ ଥିବାବେଳେ ୧ଟି ପଦ ଅସଂରକ୍ଷିତ ଅଛି । ୦୧.୦୯.୨୦୧୯ ତାରିଖ ସୁଦ୍ଧା ନିମ୍ନ ସର୍ତ୍ତପୂରଣ କରୁଥିବା ସମସ୍ତ ସବ୍‌ଷ୍ଟାଫ୍ ସାଥି ଆବେଦନ କରିପାରିବେ ।

୧. ମାଟ୍ରିକ୍ ପାସ୍ କରି ୨ ବର୍ଷର ଚାକିରୀ କାଳ ସମ୍ପୂର୍ଣ୍ଣ କରିଥିବେ,

୨. ୭ମ ଶ୍ରେଣୀ ପାସ୍ କରିଥିବା ଏବଂ ୫ ବର୍ଷର ଚାକିରୀ କାଳ ସମ୍ପୂର୍ଣ୍ଣ କରିଥିବେ; ଏବଂ

୩. କିଛି ଶିକ୍ଷାଗତ ଯୋଗ୍ୟତା ନ ଥିଲେ, ୧୦ ବର୍ଷର ଚାକିରୀ କାଳ ସମ୍ପୂର୍ଣ୍ଣ କରିଥିବା ସମସ୍ତ ସାଥି

ଏହି ଚ୍ୟାନେଲ୍ ଅନ୍ତର୍ଗତ ୧୦୦ ନମ୍ବରର ପରୀକ୍ଷା, ନିମ୍ନୋକ୍ତ ଢାଞ୍ଚାରେ ଆସନ୍ତା <u>ତା</u> ୨୯-୧୨-୨୦୧୯ <u>ରିଖ (ରବିବାର)</u> ଦିନ ଅନୁଷ୍ଠିତ ହେବ ।

| କ୍ର.ନଂ. | ବିଷୟ | ମୋଟ ନମ୍ବର | ପରୀକ୍ଷାରେ ଉ ର୍ତ୍ତିର୍ଣ୍ଣ ପାଇଁ ଆବଶ୍ୟକ ପଡୁଥିବା ସର୍ବନିମ୍ନ ପାସ୍ ନମ୍ବର | |
|---|---|---|---|---|
| | | | ଅନୁସୂଚିତ ଜାତି/ଉପଜାତି ବର୍ଗଙ୍କ ପାଇଁ | ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପାଇଁ |
| ୧ | Clerical Aptitude | ୨୦ | ୫ (୨୫%) | ୬ (୩୦%) |
| ୨ | Banking Knowledge | ୪୦ | ୧୦ (୨୫%) | ୧୨ (୩୦%) |
| ୩ | Computer Literacy | ୪୦ | ୧୦ (୨୫%) | ୧୨ (୩୦%) |
| | ମୋଟ ନମ୍ବର | ୧୦୦ | ୨୫ | ୩୦ |

ଏହି ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକୀୟ ସଂଖ୍ୟାର ପ୍ରାର୍ଥୀମାନଙ୍କୁ ପଦୋନ୍ନତି ନୀତି ଅନୁଯାୟୀ "ସାକ୍ଷାତକାର" ପାଇଁ ଡକାଯିବ । ଏତଦ୍‌ବ୍ୟତୀତ, ୨୦ ନମ୍ବରର ମୌଖିକ ପରୀକ୍ଷା ଅନୁଷ୍ଠିତ ହେବ ।

୬ - ସମ୍ପୂର୍ଣ୍ଣ ପୂରଣ କରାଯାଇଥିବା ଆବେଦନ ପତ୍ର ରିଜିଓନାଲ ଅଫିସରେ ପହଞ୍ଚିବାର ଶେଷ ତାରିଖ ୨୧-୧୧-୨୦୧୯ ଅଟେ।

୭ - ମେରିଟ ଚାନେଲ ପାଇଁ ପରୀକ୍ଷା ( ଅନ୍ ଲାଇନରେ ) ରବିବାର ଦିନ ୨୯-୧୨-୨୦୧୯ ତାରିଖରେ ଅନୁଷ୍ଠିତ ହେବ।

ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ସଂଗଠନ ତରଫରୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।

ଅଜୟ କୁମାର ମହାନ୍ତି
ସାଧାରଣ ସମ୍ପାଦକ